ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଅନାମଗୋଷ୍ଠୀ ଓ ସୁରେନ୍ଦ୍ର ମହାନ୍ତି

## ସୁବାସ ଚନ୍ଦ୍ର ଭୋଇ

ଓଡ଼ିଆ କାବ୍ୟକବିତା କ୍ଷେତ୍ରରେ ପ୍ରଚଳିତ କବି ଟି.ଏସ. ଏଲିଅଟୀୟ ପରମ୍ପରା କବି ଗୁରୁପ୍ରସାଦଙ୍କ ଠାରୁ ଆରମ୍ଭ ହୋଇଥିଲା । ଏହି ପରମ୍ପରା ଆସିବା ଦ୍ୱାରା ଓଡ଼ିଆ କବିତା କ୍ଲିଷ୍ଟତା ଆଡ଼କୁ ଗତିକଲା । ତାହା ସାଧାରଣ ପାଠକର ବୋଧଗମ୍ୟ ହେଲା ନାହିଁ । ମଧ୍ୟଯୁଗୀୟ ସାହିତ୍ୟ ସାଧାରଣ ପାଠକଠାରୁ ଯେମିତି ଦୂରରେ ଥିଲା, ତଦନୁରୂପ ସ୍ୱାଧୀନତା ପରବର୍ତ୍ତୀ ପାଶ୍ଚାତ୍ୟ ପ୍ରଭାବିତ ଓଡ଼ିଆ କବିତା ଓ ପାଠକମଧ୍ୟରେ ଦୂରତା ବଢିଲା । ଅବଶ୍ୟ ମଧ୍ୟଯୁଗୀୟ କାବ୍ୟକବିତା ସାଙ୍ଗୀତିକତା ଯୋଗୁଁ ପାଠକୀୟତା ଲାଭ କରିଥିଲା । ପାଶ୍ଚାତ୍ୟ ପ୍ରଭାବିତ ଓଡ଼ିଆ କବିତା ଚିତ୍ରକଳ୍ପ ଓ ମିଥ୍‌ର ଅସଂଲଗ୍ନତାର ପ୍ରୟୋଗରେ ଭାରାକ୍ରାନ୍ତ ହେଲା । ସାଧାରଣ ପାଠକ ହଜମ କରିପାରିଲେ ନାହିଁ । ୧୯୬୯ ମସିହାରେ ଏହି ପାଶ୍ଚାତ୍ୟ ଶୈଳୀର ଅନୁକରଣର ପ୍ରତିବାଦ କରି ପୁରୀରେ ଏକ ସାହିତ୍ୟିକ ଗୋଷ୍ଠୀ ଗଢି ଉଠିଥିଲା । ଯାହାର ମଙ୍ଗୁଆଳ ଥିଲେ ପୋଲିସ ଅଫିସର କୃଷ୍ଣ କୁମାର ମହାନ୍ତି ଓରଫ୍ କବି କୁମାର ମହାନ୍ତି । ମଧୁ ମହାନ୍ତି (ସୁରେନ୍ଦ୍ର ମହାନ୍ତିଙ୍କ ଶ୍ୱଶୁର) ଥିଲେ ଗୋଷ୍ଠୀର ପରାମର୍ଶଦାତା । ଗୋଷ୍ଠୀ ସହିତ ସୁରେନ୍ଦ୍ର ମହାନ୍ତି, ଗୋକୁଳି ମହାନ୍ତି (ସୁରେନ୍ଦ୍ର ମହାନ୍ତିଙ୍କ ସଡ଼ୁ) ପ୍ରକାରାନ୍ତରେ କହିଲେ ସୁରେନ୍ଦ୍ର ମହାନ୍ତିଙ୍କ ପରିବାର ଏହି ଗୋଷ୍ଠୀ ସହ ଜଡ଼ିତ ଥିଲେ । ଏହି ଗୋଷ୍ଠୀ ଆରମ୍ଭ ହେବା ବେଳକୁ ସୁରେନ୍ଦ୍ର ମହାନ୍ତି ପ୍ରତିଷ୍ଠିତ ହୋଇ ସାରିଥାନ୍ତି । ୧୯୬୯ ମସିହାରେ ସୁରେନ୍ଦ୍ର ମହାନ୍ତିଙ୍କ ଅନାମ ପତ୍ରିକାରେ ପ୍ରଥମେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଥିଲା । ମାତ୍ର ୧୯୭୫ ମସିହାରେ ପୁରୀରେ ଅନୁଷ୍ଠିତ ଅନାମ ମେଳଣରେ ସେ ପ୍ରଥମ କରି ଯୋଗ ଦେଇଥିଲେ ।

ସୁରେନ୍ଦ୍ର ମହାନ୍ତି ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ସମୀକ୍ଷକ, ଜୀବନୀକାର, ନାଟ୍ୟକାର, ରାଜନୈତିକ, ସାମ୍ବାଦିକ । ସେ ସର୍ବମୋଟ ୫୮ଟି ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରକାଶିତ ପୁସ୍ତକର ରଚୟିତା । ଆଗରୁ କୁହାଯାଇଛି ଯେ, ଅନାମ ଗୋଷ୍ଠୀର ବହୁ ପୂର୍ବରୁ ସେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ହୋଇସାରିଥିଲେ । କିନ୍ତୁ ଅନାମ ଗୋଷ୍ଠୀ ସହ ଯୋଡ଼ିହେବା ଦ୍ୱାରା ଲାଭବାନ ମଧ୍ୟ ହୋଇଛନ୍ତି ବୋଲି 'ନୀଳାଦ୍ରି ବିଜୟ' ଉପନ୍ୟାସର ମୁଖବନ୍ଧରେ ସ୍ୱୀକାର କରି କହିଛନ୍ତି- "ନୀଳଶୈଳ ଲେଖିବା ବେଳେ ମୁଁ ପୁରୀ ବୋଲି ସହିତ ପରିଚିତ ନଥିଲି । ମନ୍ଦିରର ପଣ୍ଡାମାନେ ଯେଉଁ ବୋଲି ବ୍ୟବହାର କରନ୍ତି ତାହାର ମୌଳିକତା ରହିଛି । ବସ୍ତୁତଃ ନୀଳଶୈଳରେ ବ୍ୟବହୃତ ପୁରୀ ବୋଲିର ଅପୂର୍ଣ୍ଣତା ରହିଛି ବୋଲି ମୋତେ ପୁରୀର ଜଣେ ବିଦଗ୍ଧ ପାଠକ ସଚେତନ କରି ଦେଇଥିଲେ । ନୀଳଶୈଳରେ ସେ ସବୁ ସୁଧାରିବାକୁ ଚେଷ୍ଟା କରିଛି । ଏସବୁ ଗବେଷଣା ପାଇଁ ପୁରୀରୁ ପ୍ରକାଶିତ 'ଅନାମ' ଗୋଷ୍ଠୀକୁ ପ୍ରୋତ୍ସାହିତ କରିଥିଲି । ଫଳସ୍ୱରୂପ ଅନାମର କେତୋଟି ସଂଖ୍ୟାରେ ସିଦ୍ଧେଶ୍ୱର ମହାପାତ୍ର ପୁରୀ ବୋଲି ପ୍ରବନ୍ଧ ଲେଖିଥିଲେ । ନୀଳାଦ୍ରି ବିଜୟରେ ସେବକମାନଙ୍କ ତୁଣ୍ଡରେ ବ୍ୟବହୃତ ପୁରୀବୋଲି ପ୍ରୟୋଗରେ, ଏହା ମୋ ପକ୍ଷରେ କେତେକ ପରିମାଣରେ ସହାୟକ ହୋଇଛି ।"

ମାତ୍ର ଶ୍ରୀ ମହାନ୍ତି ପ୍ରୋତ୍ସାହିତ କରିଥିଲେ ବୋଲି ଅନାମମାନେ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ପୁରୀ ବୋଲି ସଂଗ୍ରହ କରୁଥିଲେ ତାହା ନୁହେଁ ଆଂଚଳିକ ବୋଲି ବା ଭାଷା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ତାହାର ଚର୍ଚ୍ଚା ଏମାନଙ୍କୁ ଆଦର୍ଶ ଥିବାରୁ ଏ କାର୍ଯ୍ୟରେ ହାତ ଦେଇଥିଲେ । ଅନାମମାନେ ତାଙ୍କ ସୃଷ୍ଟିରେ ଉତ୍କଳୀୟ ସଂସ୍କୃତି ଓ ଜଗନ୍ନାଥ ଚେତନା ପ୍ରତିମୋହ, ପରମ୍ପରାର ଓ ଐତିହ୍ୟ ପ୍ରକାଶରେ ନୂତନତା, ମାନବବାଦୀ ଦୃଷ୍ଟିଭଙ୍ଗୀ, ସାମ୍ୟବାଦ ଓ ପ୍ରଗତିଶୀଳ ଚିନ୍ତାଧାରା, ସରଳ ଓ ସାବଲୀଳ ଭାଷା, ଆଙ୍ଗିକରେ ସାଙ୍ଗୀତିକତା, ଇଂରାଜୀ କାବ୍ୟଦର୍ଶନ ପ୍ରତ୍ୟାଖ୍ୟାନ,

ଲୋକଛନ୍ଦ ଶୈଳୀର ପ୍ରୟୋଗ ଆଦି ବୈଶିଷ୍ଟ୍ୟ ଦେଖାଯାଏ । ନିମ୍ନରେ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଚେତନା ଓ ଅନାମ ଗୋଷ୍ଠୀର ଚେତନା ସମ୍ପର୍କରେ ଥିବା ସାମଞ୍ଜସ୍ୟ ସମ୍ପର୍କରେ ଆଲୋଚନା କରିବାର ପ୍ରଚେଷ୍ଟା କରାଯାଇଛି ।

ସୁରେନ୍ଦ୍ର ମହାନ୍ତି ନୀଳଶୈଳ ଓ ନୀଳାଦ୍ରି ବିଜୟ ଉପନ୍ୟାସ ଦ୍ୱୟରେ ପ୍ରଚଳିତ ଜଗନ୍ନାଥ ଚେତନା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଜାତିର ଆଦର୍ଶ ପ୍ରଚାର କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ପ୍ରାଚୀନ ଇତିହାସକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ୧୯୮୮ ମସିହା ଆସନ୍ତାକାଲିରେ ପ୍ରକାଶିତ ଏକ ସାକ୍ଷାତକାରରେ ସ୍ୱୀକାର କରି କହିଛନ୍ତି ଯେ "୧୯୬୪ରେ ଆକାଶବାଣୀରେ ବିବରଣୀ ଦେବା ପାଇଁ ପୁରୀ ଯାଇଥିଲେ । ସେ ବର୍ଷ ପ୍ରଶାସନ ଓ ପଣ୍ଡାମାନଙ୍କ ମଧ୍ୟରେ ଏକପ୍ରକାର ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାରୁ ରଥ ଟାଣିବାରେ ବିଳମ୍ବ ଓ ଟାହିଆ ଗୁଡ଼ାକୁ ଲୋକେ ଟାଣି ନେଉଥାନ୍ତି । ଜଗନ୍ନାଥଙ୍କ ଏପରି ଅପମାନଜନକ ଘଟଣା ଯୋଗୁଁ ଜଣେ ବୃଦ୍ଧା ଭୋକିଲା ଥାଇ ମଧ୍ୟ ଖାଇବେ ନାହିଁ ବୋଲି କହିଲେ ।" ଜଗନ୍ନାଥଙ୍କ ସହ ଓଡ଼ିଆଙ୍କ ଏପରି ଭାବ ଦେଖି ସେ ନୀଳଶୈଳ ଲେଖିବା ପାଇଁ ପ୍ରେରଣା ପାଇଛନ୍ତି । ମାତ୍ର ପାଶ୍ଚାତ୍ୟ ପ୍ରଭାବିତ ସାହିତ୍ୟିକମାନେ ଏସବୁ ଭୁଲିଯାଇ ସାହିତ୍ୟରେ ନୂଆ ନୂଆ ଇଜିମମାନ ପ୍ରୟୋଗ କରିବା ମୋହରେ ସ୍ୱଦେଶୀ ସଂସ୍କୃତି ଭୁଲିଯାଇ ବିଦେଶୀ ସଂସ୍କୃତିର ବାଃବାଃ କଲେ । କିନ୍ତୁ ଅନାମ ଗୋଷ୍ଠୀ ଥିଲା ଜଗନ୍ନାଥ ଚେତନା ପ୍ରତିମୋହାଛନ୍ନ । ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶ ଫଳରେ ଭାରତୀୟମାନେ ତାକୁ ଅନ୍ଧାନୁକରଣ କଲେ । ସ୍ୱଦେଶରେ ବିଦେଶୀ ସଂସ୍କୃତି ଅଙ୍କୁରଦ୍‌ଗୋମ ହୋଇ କାୟା ବିସ୍ତାର କଲା । ଫଳରେ ଉତ୍କଳୀୟ ସଂସ୍କୃତି ସ୍ଥାଣୁ ହୋଇ ରହିଗଲା । ଯାହାଦ୍ୱାରା ଉତ୍କଳୀୟ ସଂସ୍କୃତି Arrested Culture ର ଅବସ୍ଥା ପ୍ରାପ୍ତ କଲା ବୋଲି ଶ୍ରୀ ମହାନ୍ତି କହନ୍ତି । ମାତ୍ର ଅନାମ ଗୋଷ୍ଠୀ ଜଗନ୍ନାଥ ସଂସ୍କୃତିର ଗବେଷଣା ଓ ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଉଥିଲା ।

ବେଳେ ବେଳେ ଆମ ମନରେ ପ୍ରଶ୍ନଉଠେ ଯେ, ଓଡ଼ିଆ ସାହିତ୍ୟକୁ ଉପାଦାନ ଯୋଗାଉଥିବା ସଂସ୍କୃତି ଓ ଚଳଣିର ଲାଭବା କ'ଣ ହୁଏ ? ଅନାମରେ ପ୍ରକାଶିତ ଅଗ୍ରଦାନୀ ପ୍ରବନ୍ଧରେ ଶ୍ରୀ ମହାନ୍ତ କହିଛନ୍ତି, ଯେ ପ୍ରତ୍ୟେକ ବିପ୍ଳବର ଇତିହାସ ସଂଘଟିତ ହେବା ପୂର୍ବରୁ ଆଦ୍ୟ ସ୍ଫୁରଣ ଘଟିଥାଏ ଲେଖକମାନଙ୍କ ତର୍କ କର୍ମରେ । (ଅନାମ-୪ ୧୯୬୯) ବାସ୍ତବରେ ଯଦି ବିଦ୍ରୋହୀକୁ ବା ଲୋକଙ୍କୁ ବିନା ସଂଘର୍ଷରେ ସମାଜରେ ସ୍ୱୀକୃତି ମିଳେ ତାହାହେଲେ ତା'ର ବୈପ୍ଳବିକ ସତ୍ତା ଏଷ୍ଟାବ୍ଲିଶମେଣ୍ଟ ପାଖରେ ନିଜର ସ୍ୱତନ୍ତ୍ରତା ଓ ମର୍ଯ୍ୟାଦା ହରାଇ ବସେ । ଏଥିପାଇଁ ବୋଧେ ଅନାମ ଗୋଷ୍ଠୀ ଆଣ୍ଟିଏଷ୍ଟାବ୍ଲିଶମେଣ୍ଟକୁ ଗ୍ରହଣ କରେ ଓ ସୁରେନ୍ଦ୍ର ମହାନ୍ତିଙ୍କ ଚରିତ୍ରମାନେ ମଧ୍ୟ ସମାଜରେ ସ୍ୱୀକୃତି ପାଇଁ Under Worldରେ ଥାଇ ସଂଘର୍ଷ କରନ୍ତି ।

'ରକ୍ତଶିଖା' ଭଳି କବିତା ଲେଖୁଥିବା କବିମାନେ ସ୍ୱାଧୀନତା ପରେ ସାଲିସଯୁକ୍ତ 'ଶାନ୍ତିଶିଖା' ଭଳି କବିତା ଲେଖିଲେ । ସମାଜରେ ପୂର୍ବପରି ଧନୀକମାନେ ସର୍ବହରା ଗୋଷ୍ଠୀକୁ ଶୋଷଣ କଲେ । ସାହିତ୍ୟ ହୋଇଗଲା ଶାସକର ପ୍ରଶଂସା ପୁସ୍ତିକା । ଏହି ଅବକ୍ଷୟମୁଖୀ ଓଡ଼ିଆ ସାହିତ୍ୟକୁ ଉଦ୍ଧାର କରିବା ପାଇଁ ଅନାମମାନେ ସାମ୍ୟବାଦ ବା ପ୍ରଗତିଶୀଳ ସମାଜବାଦୀ ଚିନ୍ତାଧାରାକୁ ଗୁରୁତ୍ୱ ଦେଲେ । ଏ ସମ୍ପର୍କରେ କୁମାର ମହାନ୍ତି ଅନାମ ୧୧ ର ସଂପାଦକୀୟରେ କହିଛନ୍ତି "ସାମ୍ୟବାଦୀ ସ୍ୱପ୍ନସହ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ଆମେ ଜଗନ୍ନାଥ ମୈତ୍ରୀ ଓ ଦେବ ଉପାସନାରେ ଲକ୍ଷ୍ୟ କରୁ । x x x ଯେଉଁଠିବି ସାମ୍ୟବାଦୀ ଚେତନାର ଅଭାବ ଲକ୍ଷ୍ୟକରୁ ତା' ବିରୋଧରେ ସ୍ୱରୋତ୍ତଳନ କରୁ ।" କୁମାର ମହାନ୍ତିଙ୍କ 'ଅନାମ ବାୟାର ଗୀତ'ରେ ଏ ପ୍ରଭାବ ଦେଖାଯାଏ-

"ଦୁଃଖ ଦର କେତେ କହ ସାହୁକାର
ସୁଖଦର କେତେ କହ
ଜୀବନମରଣ ଦରତ କଷିଲ
ପରମର ଦର କହ
ସର୍ଜନାର ଦର କହ ।"

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ବନ୍ଦୀ', 'ରୁଟି ଓ ଚନ୍ଦ୍ର', 'ମହାନଗରୀର ରାତ୍ରି' ତଥା 'ଅଣ୍ଡରଗ୍ରାଉଣ୍ଡ' ଆଦିରେ ଏହି ସାମ୍ୟବାଦର ସମାନ ପ୍ରୟୋଗ ଦେଖାଯାଏ ।

ସାମାଜିକବାସ୍ତବତା ଅନାମ ଚେତନା ଓ ସୁରେନ୍ଦ୍ର ସାହିତ୍ୟ ଚେତନାରେ ସାମଞ୍ଜସ୍ୟ ରହିଛି । ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଉପନ୍ୟାସରେ ବର୍ଣ୍ଣିତ ଅଧିକାଂଶ ଘଟଣା, ଚରିତ୍ର ଜୀବନର ବାସ୍ତବ ରୂପଚିତ୍ର ବୋଲି କମଳ ଲୋଚନ ନେଇଥିବା ସାକ୍ଷାତକାରରେ କହିଛନ୍ତି । ଅନ୍ଧଦିଗନ୍ତ ଉପନ୍ୟାସର ନିଧି ଦାସ ତାଙ୍କର ବାସ୍ତବ ଜୀବନର ଜଣେ ସହକର୍ମୀ ଯେ, ତାଙ୍କ ସମୟର କଂଗ୍ରେସ ସହ ଅନେକ କାମ କରିଛନ୍ତି ଓ ପରେ ଅପଦସ୍ତ ହୋଇ ଥିବାର ଘଟଣାକୁ ଉପନ୍ୟାସ ରୂପ ଦେଇଛନ୍ତି । ଶ୍ରୀ ମହାନ୍ତି ସ୍ୱାଧୀନତା ପରର

କବିତା ସମ୍ପର୍କରେ କହିଛନ୍ତି – "ଆଜିର ମଣିଷ ସମାଜଠାରୁ ଯେତିକି ଦୂରେଇ ଯାଉଛି ସାହିତ୍ୟରେ ଦୁର୍ବୋଧତା ବଢୁଛି । (ସାକ୍ଷାତକାର ବିଭୂତି ପଟ୍ଟନାୟକ 'ଗଳ୍ପ' ପତ୍ରିକା ୧୯୭୧) ମାତ୍ର ଅନାମ କାବ୍ୟଚେତନା ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଗୁରୁତ୍ୱ ଦେଉଥିଲା ଏବଂ ଏହା ଥିଲା ତା'ର ମୌଳିକ ବୈଶିଷ୍ଟ୍ୟ ।

ମାନବବାଦୀ ଦୃଷ୍ଟଭଙ୍ଗୀ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ବ୍ୟକ୍ତିଗତ ଜୀବନରୁ ସମୂହ ଜୀବନକୁ ପ୍ରଭାବିତ କରିଥାଏ । ଏହି ନୈତିକତାର ଅନ୍ତରାଳରେ ଆଧାତ୍ମିକତା ବିଚରଣ କରୁଥାଏ । ଅର୍ଥାତ୍ ଆଧାତ୍ମିକତା ଦୀପ୍ତି ହିଁ ମାନବିକତାର ଉଚ୍ଚାରଣ । ମହତ୍ତର ଆଧାତ୍ମିକ ଚିନ୍ତନ, ଯାହା ସମଗ୍ର ମଣିଷ ଜାତିକୁ ଆପଣାର କରିନିଏ । ମଣିଷକୁ ମଣିଷ ଭାବେ ବିଚାର କରିବା, ପ୍ରତିଶ୍ରଦ୍ଧା, ମମତା ଓ ଅନୁକମ୍ପା ପ୍ରକାଶ କରିଥାଏ । ଅନାମମାନଙ୍କ ପ୍ରମୁଖ ସାହିତ୍ୟିକ ଆଦର୍ଶ ହେଉଛି ଆଧାତ୍ମିକତା । ତା'ରି ମୂଳରେ ଶ୍ରୀଜଗନ୍ନାଥ ।

ସେମାନେ ଜଗନ୍ନାଥଙ୍କୁ ଅନାମ ଅଣାକାର ଭାବେ ଗ୍ରହଣ କରିଛନ୍ତି । ସୁରେନ୍ଦ୍ର ମହାନ୍ତି ମଧ୍ୟ ଏହି ପରମଶକ୍ତି ଆଧାତ୍ମିକତା ଯୋଗୁଁ ଉପନ୍ୟାସ ଦ୍ୱୟକୁ ସଫଳ କରିପାରିଛନ୍ତି ବୋଲି ସ୍ୱୀକାର କରନ୍ତି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ସୁରେନ୍ଦ୍ର ମହାନ୍ତି ସାହିତ୍ୟ ଚେତନା ସହ ଅନାମ କାବ୍ୟଚେତନାର କେତେକାଂଶରେ ସମାନତା ଦେଖାଯାଏ । କିନ୍ତୁ ଅନାମ ଗୋଷ୍ଠୀର ସାହିତ୍ୟିକଙ୍କ ନିମିତ୍ତଘୋଷିତ ମାନଦଣ୍ଡ ଯଥା:- କୌଣସି ଉପଢୌକନ ବା ପୁରସ୍କାର ଗ୍ରହଣ ନକରିବା, ରାଜନୀତିଠାରୁ ଦୂରେଇ ରହିବା, ଶୀର୍ଷକ ଓ ନାମବିହୀନ ଲେଖା ପ୍ରକାଶ କରିବା ଆଦିକୁ ସୁରେନ୍ଦ୍ର ଗ୍ରହଣ କରୁନଥିଲେ ଏହା ତାଙ୍କର ଅଗ୍ରଦାନୀ ପ୍ରବନ୍ଧରୁ ଅନୁମେୟ । ବୋଧେ ଏସବୁ କାରଣ ଯୋଗୁଁ ଏହି ଚେତନା ଉଧେଇ ପାରିଲା ନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପରିଡ଼ା, ପ୍ରକାଶ କୁମାର, ସୁରେନ୍ଦ୍ର ସାକ୍ଷାତ ସଂଗ୍ରହ, କଟକ, ବିଜୟିନୀ ପବ୍ଲିକେଶନ, ୨୦୧୭, ୧ମ ସଂସ୍କରଣ ।

୨. ମହାନ୍ତି, କବି କୁମାର, ଅନାମ ବାୟାର ଗୀତ, ପୁରୀ, ପ୍ରଜ୍ଞାଲୋକ, ୧୯୯୩, ୧ମ ସଂସ୍କରଣ ।



ଗବେଷକ
ଓଡ଼ିଆ ଭଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ